# Akashvani, Sambalpur

## SAMBALPURI NEWS BULLETIN

### 19 January 2026 – 6.47- 6.52 am.

*******************************************

ମୁଖ୍ୟମନ୍ତ୍ରୀ- କଲାହାଣ୍ଡି          ଆଇ.ଆଣ୍ଡ୍.ପି.ଆର୍

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ନ ଗଲାକାଏଲ୍ ହେଇଥିବା କଲାହାଣ୍ଡି ମହୋତ୍ସବ୍ -ଘୁମ୍ରା-୨୦୨୬ ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୮ ଶହ ୯୧ କୋଟିନୁ ଅଏତ୍କା ଟଙ୍କାର୍ ୩ ହଜାର୍ ୬ ଶହ ୧୨ ଟା ପ୍ରକଳ୍ପର୍ ଲୋକାର୍ପଣ୍ ଆଉ ଭିତିପ୍ରସ୍ତର୍ ଥାପ୍ନା କରିଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍, ଓଡ଼ିଶାର୍ ସବୁନୁ ସମୃଦ୍ଧ ସାଂସ୍କୃତିକ୍ ଜିଲ୍ଲା କଲାହାଣ୍ଡିକେ ରାଜ୍ୟର୍ ୧ ନମ୍ବର୍ ଜିଲ୍ଲା କରାଯିବା । କଲାହାଣ୍ଡିନୁ ନବରଙ୍ଗ୍ପୁର୍କେ କପା ଉତ୍ପାଦନ୍ କ୍ଲଷ୍ଟର୍ ବନାଯିବା । ଆଏବା ଦିନେ ଭବାନୀପାଟ୍ନା ନ ମୁଖ୍ୟମନ୍ତ୍ରୀଙ୍କର୍ ଜନଶୁଣାଣି କାର୍ଯ୍ୟକ୍ରମ୍ ହେବା । ୩ ହଜାର୍ ୩ ଶହ ୨୫ କୋଟି ଟଙ୍କା ଖର୍ଚ୍ଚା କରାଯାଇକରି ଉତେଇରାଉଳ ଜଲ୍ସେଚନ୍ ପ୍ରକଳ୍ପ କାମ୍ ଖୋବ୍ ଜଲ୍ଦି ମୁଲ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ କଲାହାଣ୍ଡି ସାଂସଦ୍ ମାଳବିକା ଦେବୀ, ରାଜ୍ୟସଭା ସାଂସଦ୍ ସୁଜୀତ୍ କୁମାର୍ ଆଉ ଜିଲ୍ଲାର୍ ବିଧାୟକ୍ ମାନେ ଉପସ୍ଥିତ୍ ଥିଲେ ।

ସୁଭଦ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ସୁଭଦ୍ରା ଯୋଜ୍‌ନାଥି ନୂଆଁକରି ଜୁଡ଼ି ହେଇଥିବା ୧ ଲାଖ୍ ୭୮ ହଜାର୍ ୩ ଶହ ୯୮ ଝନ୍ ହିତାଧିକାରୀଙ୍କୁ ଆଏବା ୨୨ ତାରିଖ୍ ସୁଭଦ୍ରା ସାହାଜ୍ ଟଙ୍କା ମିଲ୍‌ବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଆଘୋନୁ ଇ ଟଙ୍କା ଗଲାକାଏଲ୍ ମିଲ୍‌ବା ବଲି ଘୋଷ୍‌ନା କରାଯାଇଥିଲା । ଏବ୍‌ତକ୍ ସୁଭଦ୍ରା ଯୋଜ୍‌ନାଥି ମୋଟ୍ ୪ ଲାଖ୍ ୫୭ ହଜାର୍ ୬ ଶହ ୮୧ ଝନ୍ ମହିଲା ସାମିଲ୍ ହେଇଛନ୍ । ପହେଲା ଆଉ ୨ ନମ୍ବର୍ କିସ୍ତି ନ ବାଦ୍ ପଡ଼ିଥିବା ୨ ଲାଖ୍ ୫୫ ହଜାର୍ ୨ ଶହ ୬୫ ଝନ୍‌କୁ ଏକାଥର୍‌କେ ୨ ଟା କିସ୍ତିର୍ ଟଙ୍କା ଦିଆଯିବା । ଅଭିଯୋଗ୍ ଶୁଣାଣି ଉତ୍‌ରୁ ୨୪ ହଜାର୍ ୧୮ ଝନ୍ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜ୍‌ନାଥି ସାମିଲ୍ କରାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ ।

କୁଳପତି -ଆର୍ଥିକ କ୍ଷମତା ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱବିଦ୍ୟାଳୟମାନ୍‌କର୍ ଉନ୍ନତି ଲାଗି ଖର୍ଚ୍ଚା କର୍‌ବାର୍‌କେ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ କୁଳପତିମାନ୍‌କୁ ଆର୍ଥିକ୍ କ୍ଷମତା ଦିଆଯାଇଛେ । କ୍ଷମତା ଅନ୍‌ସାରେ କୁଳପତିମାନେ ନିଜର୍ ଦସ୍ତଖତ୍ ଜରିଏ ବିଶ୍ୱବିଦ୍ୟାଳୟର୍ ବିକାଶ୍ ଲାଗି ଖର୍ଚ୍ଚା କରିପାର୍‌ବେ । ଇଥିର୍‌ଲାଗି ସେମାନ୍‌କୁ ଆଉ ଉଚ୍ଚଶିକ୍ଷା ବିଭାଗ୍‌ର ଅନୁମତିକେ ଅପେକ୍ଷା କର୍‌ବାର୍‌କେ ନାଇଁ ପଡ଼େ । ଇ ବାବ୍‌ଦେ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଗଲାକାଏଲ୍ ବିଜ୍ଞପ୍ତି ବାହାରିଛେ ।

ଏନ୍‌ଡିଆର୍‌ଏଫ୍ ପ୍ରତିଷ୍ଠା ଦିବସ       ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ- ଏନ୍‌ଡିଆର୍‌ଏଫ୍ ର ଆଏଜ୍ ହେଉଛେ ୨୧ ନମ୍ବର୍ ଥାପ୍‌ନା ଦିବସ୍ । ଦେଶେ ହର୍‌ରକ୍‌ମର୍ ପ୍ରାକୃତିକ ଆଉ ମନୁଷକୃତ ବିପର୍ଯ୍ୟୟର୍ ମୁକାବିଲା ଲାଗି ୨୦୦୬ ମସିହା ଜାନୁଆରୀ ୧୯ ତାରିଖ୍ ଦିନ ଭାରତ୍ ସର୍‌କାର୍‌ଙ୍କର୍ ତର୍‌ଫୁ ବହୁମୁଖୀ ଦକ୍ଷତା ଥିବା ସ୍ୱତନ୍ତ୍ର ବଳ ଗଠନ୍ କରାଯାଇଥିଲା । ବିପର୍ଯ୍ୟୟର୍ ମୁକାବିଲା ଦିଗେ ଏନ୍‌ଡିଆର୍‌ଏଫ୍ ଯବାନ୍ ମାନ୍‌କର୍ ଅକ୍ଲାନ୍ତ ପରିଶ୍ରମ ଆଉ ସମର୍ପଣ୍ ମନୋଭାବ୍‌କେ ସମ୍ମାନ୍ ଜନେଇକରି ଆଜିରର୍ ଦିନେ ଏନ୍‌ଡିଆର୍‌ଏଫ୍‌ର ଥାପ୍‌ନା ଦିବସ୍ ପାଳନ୍ କରାଯାଏସି ।

ରେଙ୍ଗାଲି ଛାତ୍ରୀ- ଜାପାନ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାପାନ୍ ନ ହେବାର୍‌କେ ଥିବା ଅନ୍ତର୍ଜାତୀୟ ବିଜ୍ଞାନ୍ କାର୍ଯ୍ୟକ୍ରମ୍‌ଥି ଭାଗ୍ ନେବାର୍‌କେ ସମ୍ବଲ୍‌ପୁର୍ ଜିଲ୍ଲା ରେଙ୍ଗାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏକାଦଶ ଶ୍ରେଣୀ ବିଜ୍ଞାନ୍ ଛାତ୍ରୀ ଆଦ୍ୟାଶା ପଣ୍ଡା ଯୋଗ୍ୟତା ହାସଲ୍ କରିଛନ୍ । ଇ ବାବ୍‌ଦେ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକଙ୍କର୍ ତର୍‌ଫୁ ଚିଠି ଜରିଏ ତାଙ୍କୁ ସୂଚ୍‌ନା ଦିଆଯାଇଛେ । ହପ୍ତେତକ୍ ଜାପାନ୍ ନ ହେବାର୍‌କେ ଥିବା ବିଜ୍ଞାନ୍ ଆଉ ପ୍ରଯୁକ୍ତ ବିଦ୍ୟା ବାବଦ୍ ଶିକ୍ଷା ପାଏବାର୍ ଲାଗି ଆଦ୍ୟାଶା ଜାପାନ୍ ଯିବେ ବଲି ବିଦ୍ୟାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସମ୍ବଲ୍‌ପୁରୀ ଧନୁଯାତ୍ରା ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ଗଲାକାଏଲ୍‌ଠାନୁ ମୁଲ୍ ହେଇଛେ ସମ୍ବଲ୍‌ପୁରୀ ଧନୁଯାତ୍ରା । ଆଏବା ୨୨ ତାରିଖ୍‌ତକ୍ ହେବାର୍‌କେ ଥିବା ଧନୁଯାତ୍ରା ଲାଗି ଗଙ୍ଗାଧର୍ ମଣ୍ଡପ୍ ମଥୁରା ନଗରୀ ଆର୍ ଚାଉଁର୍‌ପୁର୍ ଗୋପପୁର ହେଇଛେ । କାର୍ଯ୍ୟକ୍ରମ୍‌କେ ରେଢ଼ାଖୋଲ୍ ବିଧାୟକ୍ ପ୍ରସନ୍ନ ଆଚାର୍ଯ୍ୟ ଉଦ୍‌ଘାଟନ୍ କରିଛନ୍ । ଉଦ୍‌ଘାଟନ୍ ଦିନେ କଂସ ଜନ୍ମ, ମହାରାଜ୍ ଉଗ୍ରସେନ ଗାଦିଚ୍ୟୁତ ଆଉ କଂସଙ୍କର୍ ରାଜ୍ୟଭିଷେକ୍ ଦୃଶ୍ୟ ଅଭିନୟ କରାଯାଇଥିଲା ।

ଉତ୍ସବ୍ ପ୍ରଧାନ୍‌ପାଟ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେବ୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ସଂସ୍କୃତି ବିଭାଗ୍ ଆଉ ଓର୍‌ମାସ୍‌ର ମିଲିତ୍ ସହଯୋଗ୍‌ଥି ପ୍ରଧାନ୍‌ପାଟ୍ ଠାନେ ଥିବା ବଡ଼୍‌ବଗିଚା ନ ଗଲାକାଏଲ୍ ଉତ୍ସବ୍ ପ୍ରଧାନ୍‌ପାଟ୍- ୨୦୨୬ ଆଉ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ଗ୍ରାମ୍ୟ ଉନ୍ନୟନ୍ ଆଉ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଉଦ୍‌ଘାଟନ୍ କରିକରି ଆଘର୍ ବାମଣ୍ଡା ରାଜ୍ୟର୍ ରାଜ୍‌ଧାନୀ ଦେବ ଭୂମି ଦେବ୍‌ଗଡ୍‌ର ଐତିହ୍ୟ, ପରମ୍ପରା ଆଉ ସଂସ୍କୃତି ଅନନ୍ୟ ଆଏ ବଲି କହିଛନ୍ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ଆଉ ଅଲ୍‌ଗା ବିଶିଷ୍ଟ ବ୍ୟକ୍ତିମାନେ ଯୋଗ୍ ଦେଇଥିଲେ । ରାଜ୍ୟ ଆଉ ରାଜ୍ୟବାହାରୁ କଲାକାର୍‌ମାନେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ପରିବେଷଣ୍ କରିଥିଲେ ।

ହକି ଇଣ୍ଡିଆ ଲିଗ        ଆଇ.ଆଣ୍ଡ.ପି.ଆର୍

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଖେଲାଯାଇଥିବା ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗ ମେଚ୍‌ଥି ଗଲାକାଏଲ୍ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ଦଲ୍ ତାମିଲ୍‌ନାଡୁ ଡ୍ରାଗନ୍ସକେ ୪-୧ ଗୋଲ୍‌ଥି ହରେଇଛେ । ଧାରିଜ୍

ସମିଆ ଭିତ୍ରେ ଦୁହି ଦଲ୍ ୧-୧ ଗୋଲ୍ କରିଥିଲେ । ଶେଷେ ପେନାଲ୍ଟି ସୁଟ୍ଆଉଟ୍ଥି ବେଦାନ୍ତ କଲିଙ୍ଗ ଲାନ୍ସର୍ସ ଦଲ୍ ୪-୧ ଗୋଲ୍ ଦେଇକରି ଜିତିଥିଲା ।
ସେନ୍ତା ଆଉ ଗୁଟେ ମେଚ୍ଥି ସ୍ରାଚୀ ବେଙ୍ଗଲ୍ ଟାଇଗର୍ସ ଦଲ୍ ୩-୨ ଗୋଲ୍ଥି ଦିଲ୍ଲୀ ଏସ୍.ଜି. ପାଇପର୍ସ କେ ହରେଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଶୀତ୍ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ୨/ନୁ ୩ ଦିନ୍ ଭିତ୍ରେ ରାତିର୍ ତାପମାତ୍ରା ଆହୁରି ୨ ନୁ ୪ ଡିଗ୍ରୀତକ୍ ବଢ଼ିକରି ଶୀତ୍ କମ୍ବା ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ଦିଆଯାଇଛେ ।